# Akashvani, Sambalpur

## SAMBALPURI NEWS BULLETIN

### 17 January 2025- 6.47- 6.52 am.

**********************************************

ସିଙ୍ଗାପୁର୍ ରାଷ୍ଟ୍ରପତି -ଓଡ଼ିଶା        I&PR

ସିଙ୍ଗାପୁର୍ ରାଷ୍ଟ୍ରପତି ଥର୍ମନ୍ ସନ୍ମୁଗରତ୍ନମ୍ ଆଏଜ୍‌ଠାନୁ ୨ ଦିନିଆ ଓଡ଼ିଶା ଗସ୍ତଥି ଆସୁଛନ୍ । ଇ ଅବ୍‌ସରେ ରାଏଜେ ସେମିକଣ୍ଡକ୍ଟର୍, କ୍ରିଟିକାଲ୍ ମିନେରାଲ୍ ଦିଗର୍ ବିକାଶ୍ ଲାଗି ଓଡ଼ିଶା ଆଉ ସିଙ୍ଗାପୁର୍ ଭିତ୍‌ରେ ୮ ଟା ଚୁକ୍ତି ସ୍ୱାକ୍ଷରିତ୍ ହେବା । ସିଙ୍ଗାପୁର୍ ରାଷ୍ଟ୍ରପତି ଗଲାକାଏଲ୍‌ଠାନୁ ନୂଆଦିଲ୍ଲୀ ପୁହୁଁଚିକରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆର୍ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିକରି ଦୁହି ଦେଶର୍ ସମ୍ପର୍କ ବାବ୍‌ଦେ ଆଲୋଚନା କରିଛନ୍ । ରାଷ୍ଟ୍ରପତି ଭବନ୍ ନ ଗଲାକାଏଲ୍ ଦୁହି ଦେଶର୍ ରାଷ୍ଟ୍ରପତି ଭାରତ୍ ଆର୍ ସିଙ୍ଗାପୁର୍ ଦ୍ୱିପାକ୍ଷିକ ସମ୍ପର୍କର୍ ୬୦ ବଛ୍‌ରପୂର୍ତି ବାବଦ୍ ଗୁଟେ ଲୋଗୋ ଉନ୍ମୋଚନ୍ କରିଛନ୍ ।

ତୀର୍ଥଯାତ୍ରୀ ଟ୍ରେନ୍        I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଭୁବ୍‌ନେଶ୍ୱର୍ ଠାନେ ବରିଷ୍ଠ ନାଗରିକ୍ ତୀର୍ଥଯାତ୍ରା ଯୋଜ୍‌ନାଥି ଟ୍ରେନ୍ ଯାତ୍ରାର୍ ଶୁଭାରମ୍ଭ କର୍‌ବେ । ଭୁବ୍‌ନେଶ୍ୱର୍ ରେଲ୍‌ଷ୍ଟେସନ୍ ଠାନୁ ସିରିଡି-ନାସିକ୍ କେ ତୀର୍ଥଯାତ୍ରୀମାନ୍‌କୁ ନେଇକରି ଯିବାର୍‌କେ ଥିବା ଟ୍ରେନ୍‌କେ ପତାକା ଦେଖେଇକରି ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କର୍‌ବେ । ଇଥିର୍‌ଲାଗି ରାଜ୍ୟର୍ ଭିନ୍ ଭିନ୍ ଇଲାକାନୁ ବରିଷ୍ଠ ନାଗରିକ୍‌ମାନେ ଭୁବ୍‌ନେଶ୍ୱର୍ ପୁହୁଁଚିଛନ୍ ବଲି ପର୍ଯ୍ୟଟନ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ବଡ଼୍‌ନଗର୍ ନ ପ୍ରକଳ୍ପ ଉଦ୍‌ଘାଟନ୍/ ଆର୍‌ଏନ୍‌ୟୁ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଜନମ୍ ମାଏଟ୍ ଗୁଜୁରାଟ୍‌ର ବଡ଼୍‌ନଗର୍ ଠାନେ ଗଲାକାଏଲ୍ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଆର୍ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଭିନ୍ ଭିନ୍ ଉନ୍ନୟନ୍ କାର୍ଯ୍ୟକ୍ରମ୍ ଉଦ୍‌ଘାଟନ୍ କରିଛନ୍ । ଗୁଟେ ଅତ୍ୟାଧୁନିକ୍ ପ୍ରତ୍ନତାତ୍ତ୍ୱିକ୍ ସଂଗ୍ରହାଳୟ, ପ୍ରେରଣା କମ୍ପ୍ଲେକ୍ସ ଆର୍ ଗୁଟେ କ୍ରୀଡ଼ା କମ୍ପ୍ଲେକ୍ସକେ ସ୍ୱରାଷ୍ଟ୍ରମନ୍ତ୍ରୀ ଉଦ୍‌ଘାଟନ୍ କରିଛନ୍ । ସେନ୍ତା ପ୍ରଧାନ୍‌ମନ୍ତ୍ରୀ

ପାଠ୍‌ପଢ଼ିଥିବା ପ୍ରେରଣା ସ୍କୁଲ୍ ଶିକ୍ଷା ଆର୍ ମୂଲ୍ୟବୋଧର ଗୁଟେ ଖାସ୍ କେନ୍ଦ୍ର ବଲି ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ।

ମନ୍ କି ବାତ୍          ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୧୯ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୧୮ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।
ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ଅଙ୍ଗନବାଡ଼ି ପାରିଶ୍ରମିକ ବୃଦ୍ଧି        ଆର୍‌ଏନ୍‌ୟୁ / ସମ୍ବଲପୁର

ଅଙ୍ଗନବାଡ଼ି କର୍ମୀମାନ୍‌କର୍ ପାରିଶ୍ରମିକ ବଢ଼୍‌ବା ବଲି ଗଲାକାଏଲ୍ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚ୍‌ନା ଦେଇଛନ୍ । ରାଜସ୍ଥାନ୍‌ନୁ ଫିର୍‌ବାର୍ ଉତ୍‌ରୁ ଉପମୁଖ୍ୟମନ୍ତ୍ରୀ କହିଛନ୍, ଇ ବାବ୍‌ଦେ କେନ୍ଦ୍ର ମହିଳା ଆଉ ଶିଶୁ କଲ୍ୟାଣ୍ ମନ୍ତ୍ରଣାଲୟକେ ପ୍ରସ୍ତାବ୍ ଦିଆଯାଇଥିଲା ଆର୍ ଇହାଦେ ତାର୍ ବିଚାର୍ ଚାଲିଛେ ।

ଆଦିବାସୀ ମେଳା        I&PR

ଭୁବ୍‌ନେଶ୍ୱର୍ ପ୍ରଦର୍ଶନୀ ପଡ଼ିଆ ନ ଚାଲିଥିବା ଆଦିବାସୀ ମେଳା ଗଲାକାଏଲ୍ ଶେଷ୍ ହେଇଛେ । ୧୨ ଦିନିଆ ଇ ମେଳାଥି ୯ କୋଟିନୁ ଅଏତ୍‌କା ବେପାର୍ ହେଇଛେ ଆର୍ ୧୦ ଲାଖ୍‌ନୁ ଅଏତ୍‌କା ଲୁକ୍‌କର୍ ଭିଡ଼୍ ହେଇଥିଲା । ଗଲାବଛର୍ ଠାନୁ ଇଥର ଦୁଇଗୁନା ବେପାର୍ ହେଇଥିଲା ବଲି ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । କାର୍ଯ୍ୟକ୍ରମ୍‌ଥି ମୁଖିଆକୁନୁଆଁ ଭାବେ ଆଦିବାସୀ କଲ୍ୟାଣ୍‌ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ୍ ଦେଇଥିଲେ ।

ହୀରାକୁଦ୍ ଜଲ୍ଭଣ୍ଡାର୍- ପକ୍ଷୀ ଗନ୍ତି     ଆର୍ଏନ୍ୟୁ
/ସମ୍ବଲପୁର

ରାଜ୍ୟ ସର୍କାର୍ଙ୍କର୍ ଜଙ୍ଗଲ୍ ପରିବେଶ୍ ଆଉ ଜଲ୍ବାୟୁ ପରିବର୍ତ୍ତନ୍ ବିଭାଗ୍ ତର୍ଫୁ ଆଏଜ୍ଠାନୁ ୨ ଦିନ୍ ତକ୍ ହୀରାକୁଦ୍ ଜଲ୍ଭଣ୍ଡାର୍ ନ ପକ୍ଷୀ ଗନ୍ତି ହେବା । ସେଥିର୍ଲାଗି ଇ ଦୁଇ ଦିନ୍ ପର୍ଯ୍ୟଟକ୍ମାନ୍କର୍ ସହେତେ ମସ୍ୟଜୀବୀମାନ୍କର୍ ଜଲ୍ଭଣ୍ଡାର୍ ଭିତର୍କେ ଯିବାର୍ଟା ବନ୍ଦ୍ କରାଯାଇଛେ ।
ଇନ ଜନେଇ ଦିଆଯାଇପାରେ ଯେ, ଫି’ ବଛର୍ ଶୀତ୍ ମାସେ ହୀରାକୁଦ୍ ଜଲ୍ଭଣ୍ଡାର୍କେ ବିଦେଶୀ ଅତିଥି ପକ୍ଷୀମାନେ ଆଏସନ୍ । ଇ ବଛର୍ ଶହେ ୮ ଟା ପ୍ରଜାତିର୍ ଅତିଥି ପକ୍ଷୀ ଆସିଥିବାର୍ ଜଙ୍ଗଲ୍ ବିଭାଗ୍ ତର୍ଫୁ ଅନୁମାନ୍ କରାଯାଉଛେ ।

ବର୍ଗଡ୍- ନୂଆପଡ଼ା ରେଲ୍ଲାଇନ     I&PR

ବର୍ଗଡ୍- ନୂଆପଡ଼ା ରେଲ୍ଲାଇନ୍ର ତିଆର୍ କାମ୍ ଆଗ୍କେ ଆହୁରି ଜୋର୍ସୋର୍ଥି ଚାଲ୍ବା । ପ୍ରକଳ୍ପ ଲାଗି ମୋଟ୍ ୯ ଶହ ୨୪ ଦଶ୍ମିକ୍ ୬/୪ ହେକ୍ଟର୍ ଜମି ଅଧିଗ୍ରହଣ୍ କରାଯିବା ଆର୍ ଇ

ବାବ୍‌ଦେ ୩ ଶହ ୬୪ କୋଟି ଟଙ୍କା ଖର୍ଚ୍ଚା ହେବା । ଭିନ୍ ଭିନ୍ କିସମ୍‌ର ଜମି ଅଧିଗ୍ରହଣ୍ ପ୍ରକ୍ରିୟାକେ ତୁର୍‌ତି କର୍‌ବାର୍‌କେ ବର୍‌ଗଡ୍ ଆର୍ ନୂଆପଡ଼ା ଜିଲ୍ଲା ନ ଉଚ୍ଚା ଦର୍‌ଜାର୍ ଅଧିକାରୀମାନେ ନିଯୁକ୍ତି ହେଇଛନ୍ । ବର୍‌ଗଡ୍ ଆର୍ ସାମ୍‌ସରା ଭିତ୍‌ରେ ୫ ଟା ଗାଁ ନ ଇହାଦେ ଜମି ଅଧିଗ୍ରହଣ୍ ପ୍ରକ୍ରିୟା ଚାଲିଛେ ବଲି ପୂର୍ବତଟ ରେଲ୍‌ବାଇ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ରାଜସ୍ୱମନ୍ତ୍ରୀ- କଲାହାଣ୍ଡି ଗସ୍ତ          କଲାହାଣ୍ଡି ସମ୍ବାଦଦାତା

ରାଜସ୍ୱ ଆର୍ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ ଗଲାକାଏଲ୍ କଲାହାଣ୍ଡି ଯାଇକରି ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ଠାନେ ଜିଲ୍ଲା ନ ଚାଲିଥିବା ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ର ସମୀକ୍ଷା କରିଛନ୍ । ବୈଠକ୍‌ଥି ଓଆର୍‌ଟିପିଏସ୍ କେସ୍ ଠିକ୍ ସମିଆ ଭିତ୍‌ରେ ଫଇସଲା କର୍‌ବାର୍, ଭୂମିହୀନ ଆର୍ ସ୍କୁଲ୍‌ମାନ୍‌କୁ ପଟ୍ଟା ଦେବାର୍ ଲାଗି ମନ୍ତ୍ରୀ ଶ୍ରୀ ପୂଜାରୀ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ବୈଠକ୍‌ଥି କଲାହାଣ୍ଡି ଲୋକ୍‌ସଭା ସାଂସଦ୍ ମାଳବିକା ଦେବୀ, ଧର୍ମଗଡ୍ ବିଧାୟକ୍ ସୁଧୀର୍ ରଞ୍ଜନ୍ ପାଟଯୋଷୀ, ଜିଲ୍ଲାପାଲ୍ ପାୱାର୍ ସଚିନ୍ ପ୍ରକାଶ୍ ଉପସ୍ଥିତ୍ ଥିଲେ । ଇ ଉଧେ

ରାଜସ୍ୱ ମନ୍ତ୍ରୀ ୨୫ ଝନ୍ ହିତାଧିକାରୀଙ୍କୁ ଘର୍‌ବାରି ପଟା ଦେଇଥିଲେ ।

ଭତା ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ବୀରମହାରାଜ୍‌ପୁର୍ ବ୍ଲକ୍ ଠାନେ ଗଲାକାଏଲ୍ ହିତାଧିକାରୀମାନ୍‌କୁ ବଢ଼୍‌ତି ଭତା ବଂଟାଯାଇଛେ । କାର୍ଯ୍ୟକ୍ରମ୍‌ଥି ବୀର୍‌ମହାରାଜ୍‌ପୁର୍ ବିଧାୟକ୍ ରଘୁନାଥ୍ ଜଗ୍‌ଦଲା ଯୋଗ୍ ଦେଇକରି ୮୦ ବଛର୍‌ନୁ ଅଏତ୍‌କା ଆର୍ ୮୦ ପ୍ରତିଶତ୍ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ୩ ହଜାର୍ ୫ ଶହ ଟଙ୍କା ଲେଖା ଭତା ବାଂଟିଥିଲେ ।

ହକି ଇଣ୍ଡିଆ ଲିଗ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ହକି ଇଣ୍ଡିଆ ଲିଗ୍‌ର ଆଏଜ୍ ରାଉର୍‌କେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡ଼ିୟମ୍ ଠାନେ ଦିଲ୍ଲୀ ଏସ୍.ଜି. ପାଇପର୍ସ ଆର୍ ସୁର୍‌ମା ହକି କ୍ଲବ୍ ଭିତ୍‌ରେ ରାତିର୍ ୮ ବାଜିକରି ୧୫ ମିନିଟ୍‌ଥି ମେଚ୍ ହେବା ।

ଗଲାକାଏଲ୍ ହେଇଥିବା ପୁରୁଷ ବର୍ଗର୍ ମେଚ୍‌ଥି କଳିଙ୍ଗ ଲାନ୍‌ସର୍ସ ଦଲ୍ ୫-୧ ଗୋଲ୍ ଦେଇକରି ଦିଲ୍ଲୀ ଏସ୍.ଚି. ପାଇପର୍ସ ଠାନୁ ଜିତିଛେ । ସେନ୍ତା ରାଂଚି ଠାନେ ଖେଲାଯାଇଥିବା ମହିଲା ବର୍ଗର୍ ମେଚ୍‌ଥି ଓଡ଼ିଶା ଓ୍ୱାରିୟର୍ସ ଦଲ୍ ପେନାଲ୍‌ଟି ସୁଟ୍‌ଆଉଟ୍‌ଥି ୩-୨ ଗୋଲ୍ ଦେଇକରି ବେଙ୍ଗଲ୍ ଟାଇଗର୍ସକେ ହରେଇଛେ ।